# ପୁରୀ ଡିଭିଜନ ବିଦ୍ୟୁତ୍ କର୍ମଚାରୀ ମିଳିତ ମଞ୍ଚ, ପୁରୀ।


ଟିଭିଜ ମନିଜ ଟିଦୁଣ ଉଦ୍ଦୁତ ଉଦ୍ଦାଙ୍ଗତ (ଏଚ. ଟି-ଏମ୍ଏଏ) ଟି.ଟି. ଉଟ୍ଟ
ଟଙ୍ଗୁ ଜୁଲ୍ଲ ମଜାଜ (ଉଜାଜଡ଼ି). ଟିଟିଜ ମଙ୍ଗଟ ମଦୁଜ (ଉଜାଜଡ଼ି)
ମନିଜ ମଜୁଟ ଜୁଟିଟଟ (ଏଚ. ଟି-ଏମ୍ଏଏ) ଉଟ୍ଟ
ଟିଜଟ ଟଟ ଜାଜଡ଼ (ଉଜାଜଡ଼ି)
ଏଚ୍ଚ ଟିଟଟ ଟିଟିଜ ମ ଟିଜ୍ ଉଜାଜଡ଼ୁଟ ଉର୍ଜାଟାର ଟ୍ରଟ (ଏଚ. ଟି-ଏମ୍ଏଏ) ଉଟ୍ଟ
ଟଙ୍ଗୁ ଜୁଲ୍ଲ (ଉଜାଜଡ଼ି) ଦୁଟିଜ ଟଟଜ ଜାଜ୍ଜ (ଉଜାଜଡ଼ି)
ଉଜାଜଡ଼ ଟିଦୁଣ ଉର୍ଜାଟାର ଟ୍ରଟ (ଏଚ. ଟି-ଏମ୍ଏଏ) ଉଟ୍ଟ
ଜାଜଡ଼ୁଟ ଜୁଲ୍ଲ ଜାଜଡ଼ାଜାଟ (ଉଜାଜଡ଼ି)


Ref no-PDBKMM/09/26. Date-28/09/26

## ଧର୍ମଘଟ / କାର୍ଯ୍ୟବନ୍ଦ ନୋଟିସ

Industrial Relations Code, 2020 ର Section 62 ଏବଂ Odisha Industrial Relations Rules, 2026 ର Rule 42 / Form-XXII ଅନୁଯାୟୀ

ମାନନୀୟ,

ଶ୍ରୀଯୁକ୍ତ ମଣ୍ଡଳ ଶ୍ରମ ଆୟୁକ୍ତ / Conciliation Officer, ଶ୍ରମ କାର୍ଯ୍ୟାଳୟ, ପୁରୀ।

ଶ୍ରୀଯୁକ୍ତ ଅଧୀକ୍ଷଣ ଯନ୍ତ୍ରୀ, TPCODL,ପରୀ ବିଦ୍ୟୁତ୍ ବିଭାଗ, ପୁରୀ
ଶ୍ରୀଯୁକ୍ତ ଡିଭିଜନାଲ ମ୍ୟାନେଜର ସୁଜାନିକ୍ସ ପୁରୀ।

ଶ୍ରୀଯୁକ୍ତ ଡିଭିଜନଲ ମ୍ୟାନେଜର ମହାନ୍ତି ବ୍ରଦର୍ସ ପୁରୀ।

ବିଷୟ: ( TPCODL, ପୁରୀ ଡିଭିଜନରେ କାର୍ଯ୍ୟରତ ମିଟର ରିଡର, ବିଲ କଲେକ୍ଟର, ରକ୍ଷଣାବେକ୍ଷଣ ଓ ଅନ୍ୟାନ୍ୟ ଠିକା କର୍ମଚାରୀଙ୍କ ବକେୟା/କଟାଯାଇଥିବା ଦରମା ପ୍ରଦାନ, ଆଇନସମ୍ମତ ମଜୁରୀ ନିଶ୍ଚିତ କରିବା, ସଂଶୋଧିତ ନିଯୁକ୍ତିପତ୍ର ପ୍ରଦାନ, ଟେଣ୍ଡର ପରିବର୍ତ୍ତନ ନାମରେ ଛଟେଇ ରୋକିବା ଏବଂ ଅନ୍ୟାନ୍ୟ ଶ୍ରମିକ ସମସ୍ୟାର ତୁରନ୍ତ ସମାଧାନ ଦାବିରେ 13.10.2026 ଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ସମ୍ପର୍କରେ ବୈଧ ନୋଟିସ।)

ମହାଶୟ,

ଆମେ ପୁରୀ ଡିଭିଜନ ବିଦ୍ୟୁତ କର୍ମଚାରୀ ମିଳିତ ମଞ୍ଚ, ପୁରୀ, ଏହି ନୋଟିସ ମାଧ୍ୟମରେ Industrial Relations Code, 2020 ର ପ୍ରଯୋଜ୍ୟ ବ୍ୟବସ୍ଥା ଏବଂ Odisha Industrial Relations Rules, 2026 ଅନୁଯାୟୀ ନିମ୍ନଲିଖିତ ଶ୍ରମ ବିବାଦ ସମ୍ପର୍କରେ ଔପଚାରିକ strike notice ପ୍ରଦାନ କରୁଛୁ।

TPCODL, ପୁରୀ ଡିଭିଜନରେ ମିଟର ରିଡିଂ, ବିଲ ଆଦାୟ, ରକ୍ଷଣାବେକ୍ଷଣ ଓ ଅନ୍ୟାନ୍ୟ ବିଦ୍ୟୁତ ସେବା ସମ୍ବନ୍ଧୀୟ କାର୍ଯ୍ୟରେ ୬୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଦୀର୍ଘଦିନ ଧରି କାର୍ଯ୍ୟରତ ଅଛନ୍ତି।

ଉକ୍ତ କର୍ମଚାରୀମାନଙ୍କର ଦରମା କାଟିବା , ବକେୟା ଦରମା, ନିଯୁକ୍ତି ସର୍ତ୍ତ, ଟେଣ୍ଡର ପରିବର୍ତ୍ତନ ଜନିତ ଚାକିରି ଅସୁରକ୍ଷା ଏବଂ ସମ୍ଭାବ୍ୟ ଛଟେଇ ବିଷୟରେ ମିଳିତ ମଞ୍ଚ ପକ୍ଷରୁ ପୂର୍ବରୁ ବାରମ୍ବାର TPCODL ପରିଚାଳନା ଓ ଶ୍ରମ କର୍ତ୍ତୃପକ୍ଷଙ୍କ ଦୃଷ୍ଟିଆକର୍ଷଣ କରାଯାଇଛି।

ବିଶେଷତଃ 19.09.2026 ତାରିଖରେ ଶ୍ରମ କାର୍ଯ୍ୟାଳୟରେ ହୋଇଥିବା ଆଲୋଚନା ଏବଂ ସେଠାରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତି ସତ୍ତ୍ୱେ ସମସ୍ତ ବକେୟା ଦରମା ଏପର୍ଯ୍ୟନ୍ତ ପ୍ରଦାନ ହୋଇନଥିବାରୁ ଶ୍ରମିକମାନଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ରହିଛି।

ଶ୍ରମିକମାନଙ୍କର ପ୍ରମୁଖ ଦାବି:

୧. ଆଇନସମ୍ମତ ମଜୁରୀ:

ମିଟର ରିଡର ଓ ବିଲ କଲେକ୍ଟରମାନଙ୍କୁ ପ୍ରଚଳିତ ଶ୍ରମ ଆଇନ ଓ ସରକାରୀ ଭାବେ ନିର୍ଦ୍ଧାରିତ ପ୍ରଯୋଜ୍ୟ ମଜୁରୀ ହାର ଅନୁଯାୟୀ ସମ୍ପୂର୍ଣ୍ଣ ଓ ନିୟମିତ ଦରମା ପ୍ରଦାନ କରାଯାଉ। ବୈଧ ଆଧାର ବିନା କୌଣସି ଦରମା କଟୋତି ନକରାଯାଉ।

୨. ସମସ୍ତ ବକେୟା ଦରମା ପ୍ରଦାନ:

19.09.2026 ତାରିଖରେ ଶ୍ରମ କାର୍ଯ୍ୟାଳୟରେ ହୋଇଥିବା ଆଲୋଚନାରେ ମେ ଓ ଜୁନ 2026 ମାସରେ କଟାଯାଇଥିବା ଦରମା 24.09.2026 ସୁଦ୍ଧା ପ୍ରଦାନ କରିବା ସମ୍ପର୍କରେ ନିଷ୍ପତ୍ତି ହୋଇଥିଲା। ମିଟର ରିଡରମାନଙ୍କୁ ଦେୟ ପ୍ରଦାନ ହୋଇଥିଲେ ମଧ୍ୟ ବିଲ କଲେକ୍ଟରମାନଙ୍କର ବକେୟା ରାଶି ସୁଜନିକ୍ସ କମ୍ପାନୀ ପକ୍ଷରୁ ଏପର୍ଯ୍ୟନ୍ତ ପ୍ରଦାନ ହୋଇନାହିଁ।

ଏହାସହିତ ଅଗଷ୍ଟ 2026 ମାସରେ ବିଲ କଲେକ୍ଟରମାନଙ୍କଠାରୁ କଟାଯାଇଥିବା ଦରମା ମଧ୍ୟ ତୁରନ୍ତ ପ୍ରଦାନ କରାଯାଉ।

୩. ସଂଶୋଧିତ ନିଯୁକ୍ତିପତ୍ର:

ସୁଜନିକ୍ସ କମ୍ପାନୀ ପକ୍ଷରୁ ସମସ୍ତ କର୍ମଚାରୀଙ୍କୁ ବାସ୍ତବିକ ନିଯୁକ୍ତି ସର୍ତ୍ତ, ମଜୁରୀ ଓ ଅନ୍ୟାନ୍ୟ ବୈଧ ସର୍ତ୍ତ ସ୍ପଷ୍ଟ ଭାବରେ ଉଲ୍ଲେଖ ଥିବା ସଂଶୋଧିତ ନିଯୁକ୍ତିପତ୍ର ତୁରନ୍ତ ପ୍ରଦାନ କରାଯାଉ।

୪. ଟେଣ୍ଡର ପରିବର୍ତ୍ତନ ନାମରେ ଛଟେଇ ବନ୍ଦ:

01.10.2026 ଠାରୁ ନୂତନ ରକ୍ଷଣାବେକ୍ଷଣ ଟେଣ୍ଡର କାର୍ଯ୍ୟକାରୀ ହେବା ପରିପ୍ରେକ୍ଷୀରେ ଦୀର୍ଘଦିନ ଧରି କାର୍ଯ୍ୟରତ ଶ୍ରମିକମାନଙ୍କୁ କେବଳ ଟେଣ୍ଡର/ଏଜେନ୍ସି ପରିବର୍ତ୍ତନର ଆଧାରରେ ବୈଧ ପ୍ରକ୍ରିୟା ବିନା ଛଟେଇ କିମ୍ବା କାର୍ଯ୍ୟରୁ ବଞ୍ଚିତ ନକରାଯାଉ।

୫. ଷ୍ଟୁକ୍ଚରରେ ଆବଶ୍ୟକ ମାନବ ସମ୍ବଳ:

ଚିଫ ଇଲେକ୍ଟ୍ରିକାଲ ଇନ୍ସପେକ୍ଟରଙ୍କ ନିର୍ଦ୍ଦେଶ/ପ୍ରଯୋଜ୍ୟ ବ୍ୟବସ୍ଥା ଅନୁଯାୟୀ ପ୍ରତ୍ୟେକ ଷ୍ଟୁକ୍ଚର/କଣ୍ଟ୍ରୋଲ ରୁମରେ ଆବଶ୍ୟକ ମାନବ ସମ୍ବଳ ନିଶ୍ଚିତ କରାଯାଉ। ବର୍ତ୍ତମାନ ଅପର୍ଯ୍ୟାପ୍ତ କର୍ମଚାରୀରେ କାର୍ଯ୍ୟ କରାଯାଉଥିବା ବିଷୟରେ ତଦନ୍ତ କରାଯାଉ।

୬. ଶ୍ରମ ଆଇନ ପାଳନ ଓ ଠିକାଦାରଙ୍କ ବିରୋଧରେ ପଦକ୍ଷେପ:

ଶ୍ରମ ଆଇନ, ମଜୁରୀ ସମ୍ବନ୍ଧୀୟ ନିୟମ, ଚୁକ୍ତିଗତ ସର୍ତ୍ତ ଓ କର୍ମଚାରୀଙ୍କ ବୈଧ ଅଧିକାର ଉଲ୍ଲଂଘନ କରୁଥିବା ଏଜେନ୍ସି/ଠିକାଦାରଙ୍କ ବିରୋଧରେ ସମ୍ପୃକ୍ତ ଆଇନ ଓ ଟେଣ୍ଡର ସର୍ତ୍ତ ଅନୁଯାୟୀ ତଦନ୍ତ ଏବଂ ଆବଶ୍ୟକ ପ୍ରଶାସନିକ/ଆଇନଗତ କାର୍ଯ୍ୟାନୁଷ୍ଠାନ କରାଯାଉ।

୭. ବେଆଇନ୍ ଭାବେ ଛଟେଇ ହୋଇଥିବା କର୍ମଚାରୀ ମାନଙ୍କୁ ପୁନଃ ନିଯୁକ୍ତି ପ୍ରଦାନ କରାଯାଉ।

ଉପରୋକ୍ତ ଦାବିଗୁଡ଼ିକର ଯଥୋଚିତ ଓ ଆଇନସମ୍ମତ ସମାଧାନ ନହେଲେ, ପୁରୀ ଡିଭିଜନ ବିଦ୍ୟୁତ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ 13.10.2026 ତାରିଖରୁ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଯିବ ।

ଏହି notice Industrial Relations Code, 2020 ର Section 62 ଏବଂ ପ୍ରଯୋଜ୍ୟ Odisha Industrial Relations Rules, 2026 ଅନୁଯାୟୀ ପୂର୍ବସୂଚନା ଭାବରେ ପ୍ରଦାନ କରାଯାଉଛି।

ମିଳିତ ମଞ୍ଚ ଏହା ସ୍ପଷ୍ଟ କରୁଛି ଯେ, ଶ୍ରମିକମାନଙ୍କର ବୈଧ ଅଧିକାର ଓ ଶିଳ୍ପ ଶାନ୍ତି ରକ୍ଷା ପାଇଁ ଆମେ ଆଲୋଚନା ଓ ଆଇନସମ୍ମତ conciliation ପ୍ରକ୍ରିୟାକୁ ସମ୍ମାନ କରୁଛୁ। ତେଣୁ 13.10.2026 ପୂର୍ବରୁ ଶ୍ରମ କର୍ତ୍ତୃପକ୍ଷଙ୍କ ମଧ୍ୟସ୍ଥତାରେ ତତ୍କାଳ ତ୍ରିପକ୍ଷୀୟ ଆଲୋଚନା ଡାକି ଉପରୋକ୍ତ ସମସ୍ୟାର ସମାଧାନ କରାଯାଉ।

ଦାବିଗୁଡ଼ିକର ସମାଧାନ ହେଲେ ପ୍ରସ୍ତାବିତ ଧର୍ମଘଟ ପୁନଃବିଚାର କରାଯିବ।

ଅତଏବ, ଶ୍ରମ କର୍ତ୍ତୃପକ୍ଷଙ୍କୁ ଅନୁରୋଧ:

- ଏହି notice ଗ୍ରହଣ କରି ଆଇନ ଅନୁଯାୟୀ ରେକର୍ଡ କରାଯାଉ।
- ତତ୍କାଳ conciliation proceeding ଆରମ୍ଭ କରାଯାଉ।
- TPCODL ଓ ସମ୍ପୃକ୍ତ ଠିକାଦାରମାନଙ୍କୁ ଡାକି ତ୍ରିପକ୍ଷୀୟ ଆଲୋଚନା କରାଯାଉ।
- ବକେୟା ଓ କଟାଯାଇଥିବା ଦରମା ସମ୍ପର୍କରେ ତୁରନ୍ତ ଯାଞ୍ଚ କରାଯାଉ।
- ଟେଣ୍ଡର ପରିବର୍ତ୍ତନ ଯୋଗୁଁ କୌଣସି କର୍ମଚାରୀଙ୍କୁ ବୈଧ ପ୍ରକ୍ରିୟା ବିନା ଛଟେଇ ନକରିବା ବିଷୟରେ ଆବଶ୍ୟକ ଆଇନଗତ ପଦକ୍ଷେପ ନିଆଯାଉ।
- ଶ୍ରମ ବିବାଦର ତୁରନ୍ତ ଓ ଆଇନସମ୍ମତ ସମାଧାନ କରାଯାଉ।

TPCODL ELECTRICITY PURI Received 28 SEP 2026

Received 24/09/26

Received
for M/s Mohul
Dt. 26/9/26 Sept 2016

।। ଇତି।।

ଆପଣଙ୍କ ବିଶ୍ୱସ୍ତ,

Basant Ku Palai

ଡିଭିଜନ ସମ୍ପାଦକ

ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘ, ପୁରୀ

Bidyadhar Nayak

ସମ୍ପାଦକ

ପାୱର ଏମ୍ପ୍ଲୋଇଜ୍ ଇନ୍ୟୁୟନ, ପୁରୀ

Manoj Kumar Rautaray

ସାଧାରଣ ସମ୍ପାଦକ

ଶ୍ରୀକ୍ଷେତ୍ର ବିଦ୍ୟୁତ କର୍ମଚାରୀ ସଂଘ, ପୁରୀ

Narasingh Chand

ସାଧାରଣ ସମ୍ପାଦକ

ସେସ୍ମୁ ମିଟର ରିଡିଂ ଓ ବିଲ କଲେକ୍ସନ କର୍ମଚାରୀ ସଂଘ, ପୁରୀ

ଏହାର ଏକକିତା ନକଲ –

. ଶ୍ରୀଯୁକ୍ତ ପ୍ରଧାନମନ୍ତ୍ରୀ ଦିଲ୍ଲୀ।

. ଶ୍ରୀଯୁକ୍ତ ରାଜ୍ୟପାଳ ଓଡିଶା ଭୁବନେଶ୍ୱର।

. ଶ୍ରୀଯୁକ୍ତ ମୁଖ୍ୟମନ୍ତ୍ରୀ ଓଡିଶା ଭୁବନେଶ୍ୱର।

. ଶ୍ରୀଯୁକ୍ତ ଶକ୍ତି ମନ୍ତ୍ରୀ ଓଡିଶା ଭୁବନେଶ୍ୱର।

• ଶ୍ରମ ଆୟୁକ୍ତ, ଓଡ଼ିଶା, ଭୁବନେଶ୍ୱର।

• ସଚିବ, Labour & ESI Department, Government of Odisha, Bhubaneswar।

• ମାନନୀୟ ଜିଲ୍ଲାପାଳ, ପୁରୀ।

• Chief Electrical Inspector, Odisha।

• Chief Executive Officer, TPCODL, Bhubaneswar।

• Head-HR/BA Cell, TPCODL, Bhubaneswar।

• ଥାନା ଅଧିକାରୀ, କୁମ୍ଭାରପଡ଼ା ଥାନା, ପୁରୀ — ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ପ୍ରଦାନ କରୁଅଛୁ।